# Visit of External Affairs Minister to Maldives and Sri Lanka (March 26-30, 2022)

March 26, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ଗସ୍ତ (26-30 ମାର୍ଚ୍ଚ 2022)

**ମାର୍ଚ୍ଚ 26, 2022**

ମାଳଦ୍ୱୀପର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଅବଦୁଲ୍ଲା ଶହିଦ ଏବଂ ଶ୍ରୀଲଙ୍କାର ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରଫେସର ଜି.ଏଲ. ପେରିସଙ୍କ ଆମନ୍ତ୍ରଣ କ୍ରମେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 26-30 ମାର୍ଚ୍ଚ 2022 ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ଗସ୍ତ କରିବେ।

2. ବୈଦେଶିକ ବ୍ୟାପାର ମନ୍ତ୍ରୀ 26-27 ମାର୍ଚ୍ଚ ମାଳଦ୍ୱୀପର ଆଡ୍ଡୁ ସହର ଗସ୍ତ କରିବେ। ଏହି ଗସ୍ତ କାଳରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହଙ୍କୁ ଭେଟିବେ ଏବଂ ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଶହିଦଙ୍କ ସହ ଆଲୋଚନା କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗସ୍ତ ସମୟରେ ଦ୍ୱିପାକ୍ଷିକ ବିକାଶ ସହଯୋଗ ଏବଂ ଭାରତ ସହାୟତାରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍ଘାଟନ/ହସ୍ତାନ୍ତର ଓ ଶୁଭାରମ୍ଭକୁ ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହେବ ଯାହା ମାଳଦ୍ୱୀପର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ ଏବଂ ଏହାର ସୁରକ୍ଷା ବୃଦ୍ଧି କରିବ।

3. ଡିସେମ୍ବର 2021 ରେ ଓ ଚଳିତ ମାସ ଆରମ୍ଭରେ ଶ୍ରୀଲଙ୍କାର ଅର୍ଥମନ୍ତ୍ରୀ ମାନ୍ୟବର ଶ୍ରୀ ବାସିଲ ରାଜପକ୍ଷ ଏବଂ ଫେବୃଆରୀ 2022 ରେ ଶ୍ରୀଲଙ୍କାର ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରଫେସର ଜି.ଏଲ. ପେରିସଙ୍କ ଭାରତ ଗସ୍ତ ପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ 28-30 ମାର୍ଚ୍ଚ ଶ୍ରୀଲଙ୍କା ଗସ୍ତ କରିବେ। ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ଓ ବାର୍ତ୍ତାଳାପ ଶ୍ରୀଲଙ୍କାକୁ ଭାରତ ଦେଉଥିବା ପ୍ରାଥମିକତାକୁ ପ୍ରତିଫଳିତ କରେ।

4. ଶ୍ରୀଲଙ୍କାର କଲମ୍ବୋଠାରେ 29 ମାର୍ଚ୍ଚ 2022 ରେ ଅନୁଷ୍ଠିତ ହେବାକୁ ଥିବା ବିମଷ୍ଟେକ ମନ୍ତ୍ରୀସ୍ତରୀୟ ବୈଠକରେ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାଗ ନେବେ।

5. ଉଭୟ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ଭାରତ ମହାସାଗରରେ ଭାରତର ପ୍ରମୁଖ ସାମୁଦ୍ରିକ ପଡୋଶୀ ଏବଂ ପ୍ରଧାନମନ୍ତ୍ରୀଙ୍କ 'ସାଗର' ଓ 'ପଡ଼ୋଶୀ ପ୍ରଥମ' ପରିକଳ୍ପନାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଏହି ଗସ୍ତ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସହିତ ଭାରତର ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଭାରତ ଦେଉଥିବା ଗୁରୁତ୍ୱକୁ ପ୍ରମାଣିତ କରେ।

**ନୂଆଦିଲ୍ଲୀ**

**ମାର୍ଚ୍ଚ 26, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.